# ସର୍ବସାଧାରଣ

sarbasadharana

21st Oct, 2021

## ପରିଦର୍ଶନ

ଥିଲେ। ବିଶ୍ୱ ପ୍ରସିଦ୍ଧ
ୟାରଣ୍ୟରେ ଥିବା
ଏକ ପାନ୍ଥନିବାସ,
କରଣ, ପାର୍କିଂ ଓ
ନ୍ତେ ଅନୁରୋଧ
ଉନ୍ନତିକରଣ ସହିତ
କଳା ଓ ସୁନେଇ
ବିଦ୍ୟୁତିକରଣ ପାଇଁ
। ବୁଧବାର ଭାରତ
ଭାଗର ରିଜିୟନାଲ୍
କ୍ ଚୌଧୁରୀ ଓ
ୟିକ ଟିମ୍ ତଥା
ାଗର ଜେନେରାଲ
କୁଣ୍ଡ ଓ ଶମୀବୃକ୍ଷ
ାରତ ସରକାରଙ୍କ
ଦ କାର୍ଯ୍ୟକ୍ରମରେ
ମ ହେବ ବୋଲି
କ୍ସର ସାଗନିକ୍
ଟୁଡୁ କହିଛନ୍ତି।

## ଆଇଆଇଟିର ଦଶମ ବାର୍ଷିକ ସମାବର୍ତ୍ତନ




ଜଟଣୀ (ଆପ୍ର): କିଛି ପରିବର୍ତ୍ତନ ଚାହୁଁଛ ତେବେ ସମାଜ ମଙ୍ଗଳକାରୀ କାର୍ଯ୍ୟର ଉଦାହରଣ ସୃଷ୍ଟିକର। କେବଳ କଥାରେ ନୁହେଁ ଏହାକୁ କାର୍ଯ୍ୟରେ ପରିଣତ କରିପାରିବା ହେଉଛି ପକୃତ ଡିଗ୍ରୀ ବୋଲି ଆଇଆଇଟିର ଦଶନ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇନଫୋସିସର ପ୍ରତିଷ୍ଠାତା ଏନ୍ଆର୍ ନାରାୟଣ ମୂର୍ତ୍ତି ଭର୍ଚୁଆଲ ମୋଡରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆଇଆଇଟିର ୫୫୯ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବିଟେକ୍ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଛାତ୍ର ଦିନେଶ ମହାନ୍ତୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଡୁଆଲ ଡିଗ୍ରୀ ହାସଲ କରିଥିବା ଶିବମ୍ ହୋଣ୍ଡା, ଏମ୍‌ଟେକ୍‌ରେ ଶାଶ୍ୱତ ପଣ୍ଡା ଏବଂ ଏମ୍ଏସ୍‌ସିରେ ହିତେଶ ଗୁପ୍ତା ପ୍ରଭୃତିଙ୍କୁ ମଞ୍ଚରେ ଆଇଆଇଟିର ନିର୍ଦ୍ଦେଶକ ଆର୍‌ଭି ରାଜା କୁମାର ସ୍ୱର୍ଣ୍ଣ ପଦକରେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ୩୫ ଜଣ ପିଏଚ୍‌ଡି, ୧୫୩ ଜଣ ଏମ୍‌ଟେକ୍, ୭୯ ଏମ୍ଏସ୍‌ସି, ୨୫୬ ଜଣ ବିଟେକ୍ ସହିତ ୩୬ ଜଣ ଡୁଆଲ ଡିଗ୍ରୀଧାରୀ ଅନ୍ତର୍ଭୁକ୍ତ ରହିଥିଲେ। ଏହି କ୍ରମରେ ବିଟେକ୍‌ରେ ୫ ଜଣ, ଏମ୍‌ଟେକ୍‌ରେ ୭ ଜଣ ଏବଂ ଏମ୍ଏସ୍‌ସିରେ ୫ ଜଣ ସମେତ ମୋଟ ୧୭ ଜଣ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକରେ ସମ୍ମାନିତ କରାଯାଇଥିଲା। ବୋର୍ଡ ଅଫ୍ ଗଭର୍ଣ୍ଣସର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜା କୁମାର ବାର୍ଷିକ ବିବରଣୀ ପାଠ କରିଥିଲେ।